ପାଠ- ୨

# ଅବନା ଶବ୍ଦର ପରିଚୟ

## STUDY NOTES

- ଓଡ଼ିଆ ବର୍ଣ୍ଣମାଳା ବିଷୟରେ ଜାଣିଲେ। ତା' ସହିତ ତା'ର ଉଚ୍ଚାରଣ ଓ ଲିଖନ ପ୍ରଣାଳୀ ମଧ୍ୟ ଶିଖିଲେ।
- ବର୍ଣ୍ଣମାଳା ହେଉଛି ଦୁଇପ୍ରକାରର-
  ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ
- ସ୍ୱରବର୍ଣ୍ଣ ହେଉଛି – ୧୧ଟି: 'ଅ' ଠାରୁ 'ଔ'
- ବ୍ୟଞ୍ଜନବର୍ଣ୍ଣ ହେଉଛି – ୩୯ଟି: 'କ' ଠାରୁ 'ଳ', ଅନୁସ୍ୱାର, ବିସର୍ଗ ଓ ଚନ୍ଦ୍ରବିନ୍ଦୁ।
- ଏହି ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ଅକ୍ଷରଗୁଡ଼ିକୁ ବ୍ୟବହାର କରି ଆମେ ଶବ୍ଦ ଗଢୁ।
  ଏହି ଶବ୍ଦଗୁଡ଼ିକୁ ଅବନା ଶବ୍ଦ କୁହାଯାଏ।
- ବିନା ମାତ୍ରା ସମ୍ପର୍କିତ ଶବ୍ଦକୁ ଆମେ ଅବନା ଶବ୍ଦ କହିଥାଉ।
  ଉଦାହରଣ: କଳସ, ଖଟ, ଗଛ, ଘର.......
- ଅବନା ଶବ୍ଦଗୁଡ଼ିକର ପଠନ ଓ ଲିଖନ:

| | | | | | |
|---|---|---|---|---|---|
| କ - | କରତ | କଲମ | କଠଉ | କମଳ | କଢ଼ |
| ଖ - | ଖଗ | ଖଇ | ଖପର | ଖବର | ଖଟଖଟ |
| ଗ - | ଗଛ | ଗଜ | ଗହମ | ଗରମ | ଗଉଡ଼ |
| ଘ - | ଘର | ଘଷ | ଘନ | ଘଉଡ଼ | ଘରଘର |

- ଅବନା ବାକ୍ୟଗୁଡ଼ିକର ପଠନ ଓ ଲିଖନ।
  ଆସ ଭରତ। ଧର କରତ।
  ଅଳସ ନ କର। କଳସ ଭର।

## ଅଭ୍ୟାସ-୧

### ୧. ଛବି ଦେଖି କୁହ ଓ ଲେଖ।


ଗଜ


କଳସ


ଖବର


ଘର


ଖଟ


କରତ


ଅଖ


ଈଶ


ଗଛ

### ୨. ସଜାଡ଼ି ଲେଖ।

ଳକସ - କଳସ
ନଗଗ - ଗଗନ

ବଖର - ଖବର
ଟକକ - କଟକ

ଉଗଡ଼ - ଗଉଡ଼
ଉଠକ - କଠଉ

ମକଳ - କମଳ
ହମଗ - ଗହମ

### ୩. ଇଂରାଜୀରୁ ଓଡ଼ିଆ ଶବ୍ଦ କରି ଲେଖ।

Lotus - କମଳ

Cuttack - କଟକ

House - ଘର

Pen - କଲମ

Sky - ଗଗନ

Wheat - ଗହମ

News - ଖବର

Tree - ଗଛ

**୪. ଶୂନ୍ୟସ୍ଥାନ ପୂରଣ କର।**

| | |
|---|---|
| ଗଗନ | କଳସ |
| କରଜ | ଖବର |
| କଲମ | ଗୟଳ |
| କରତ | ଗହମ |

**୫. ସ୍ତମ୍ଭ ମିଳାଅ। ମୂଳ ଅକ୍ଷର ଥିବା ଶବ୍ଦଗୁଡ଼ିକୁ ଗାର ଦେଇ ମିଳାଅ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କମଳ | ଘଷ |
| ଖଟ | ଙ |
| ଗହମ | ଖଗ |
| ଘର | କଳସ |
| ଙ | ଗଛ |


**୬. ଦେଖ ଓ ଲେଖ।**

କ କ ଖ ଖ ଗ ଗ ଘ ଘ

ODM EDUCATIONAL GROUP Changing your Tomorrow

# ଶବ୍ଦାବଳୀ

## ଅକ୍ଷର ଯୋଡ଼ି ଶବ୍ଦ ଲେଖ ।




ODM EDUCATIONAL GROUP
Changing your Tomorrow

# ବ୍ୟାକରଣ

## ସମାନ ଉଚ୍ଚାରଣ ଶବ୍ଦ ଲେଖ ।

ଗହମ - ଗରମ

ଖବର - ଖପର

କରତ - ଭରତ

ଘର - କର

♦♦♦